OFFICE OF THE TAHASILDAR ★ SUKRULI ★

# ତହସିଲଦାରଙ୍କ କାର୍ଯ୍ୟାଳୟ:ଶୁକୃଳି:ମୟୂରଭଞ୍ଜ

## ସର୍ବସାଧାରଣ ଇସ୍ତାହାର (Revenue Misc case No. 20/2025)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲ ବର୍ଣ୍ଣିତ ଜମିଦେଇ **ଭାରତୀୟ ରେଳ ବିଭାଗ, South Eastern Railway** ତରଫ **Dy. Chief Engineer (Con) S.E. Railway, Tatanagar** ତରଫରୁ **Badampahar** ଠାରୁ **Kendujhargarh new BG Railway Line** ନିର୍ମାଣ ନିମନ୍ତେ ଏଲାଇନେସନ ସୂତ୍ରେ **ରେଳ ବିଭାଗକୁ** ହସ୍ତାନ୍ତର କରିବାର ପ୍ରସ୍ତାବ ହୋଇଅଛି । ଯେହେତୁ ଉକ୍ତ ଜମି ସରକାରୀ **ଆବାଦ ଯୋଗ୍ୟ ଅନାବାଦି** ଖାତାରେ ଏବଂ କିସମ **ଶାରଦ-I,II,III** ଅଛି, ତେଣୁ କିସମ ପରିବର୍ତ୍ତନର ଆବଶ୍ୟକ ହେଉଅଛି । ଏଣୁ ଏହି ପରିବର୍ତ୍ତନରେ କାହାର କୌଣସି ଆପତ୍ତି ଅଭିଯୋଗ ଥିଲେ ଇସ୍ତାହାର ଜାରି ହେବାର **ପନ୍ଦର (୧୫)** ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଅଦାଲତରେ ଆବଶ୍ୟକ **କୋର୍ଟ ଫି ଲଗାଇ** ଲିଖିତ ଆକାରରେ ଆପତ୍ତି ଅଭିଯୋଗ ଜଣାଇବେ । ମିଆଦ ଗତେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

### ତଫସିଲ

| ମୌଜା ଓ ଥାନା ନଂ | ଖାତା ନଂ | ପ୍ଲଟ ନଂ | କିସମ | ରକବା (ଏକରରେ) | ଆବଶ୍ୟକ ପରିବର୍ତ୍ତନ |
|---|---|---|---|---|---|
| ସୁନାପସି **151** | 198 (**AJA**) | 929 | **ଶାରଦ-I** | **0.06** | କିସମ-ପତିତ |
| | | 930 | **ଶାରଦ-I** | **0.12** | |
| | | 1811 | **ଶାରଦ-III** | **0.05** | |
| | | 1812 | **ଶାରଦ-II** | **0.165** | |
| | | 1814 | **ଶାରଦ-I** | **0.175** | |

ଏହାର ଏକ କିତା ନକଲ **ସୁନାପସି** ଗ୍ରାମର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉଚ୍ଚ ଧ୍ୱନି ବିସ୍ତାରକ ଯନ୍ତ୍ର ଦ୍ୱାରା ଜାରି କରିବାକୁ ପଠାଗଲା । ଏହାର ଏକ କିତା ନକଲ **ସରପଞ୍ଚ ଗାଲୁସାହି ଗ୍ରାମପଞ୍ଚାୟତ, ରାଜସ୍ୱ ନିରିକ୍ଷକ ହଳଦିଆ** ତାଙ୍କ ନୋଟିସ ବୋର୍ଡରେ ବିଜ୍ଞାପିତ କରିବାକୁ ପଠାଗଲା । ସେମାନଙ୍କର ମତାମତ ଯଦି ଥାଏ ତେବେ ନିର୍ଦ୍ଧାରିତ ତାରିଖ ମଧ୍ୟରେ ଅଭିଯୋଗ ଦାଖଲ କରିବାକୁ ଅନୁରୋଧ ।

ଏହାର ଏକ କିତା ନକଲ **ଶୁକୃଳି ତହସିଲ ଅଫିସ ନୋଟିସ** ବୋର୍ଡରେ ସର୍ବସାଧାରଙ୍କ ଅବଗତି ନିମନ୍ତେ ଜାରି କରାଗଲା ।

**ତହସିଲଦାର,ଶୁକୃଳି**
TAHASILDAR
SUKRULI

**ପରିପତ୍ର ସଂଖ୍ୟା** ୨୨୦୬ //ତା ୧୫/୧୧/୨୫

ଏହାର ଏକ କିତା ନକଲ **DeGM**, ମୟୂରଭଞ୍ଜ ବାରିପଦାଙ୍କ ଅବଗତି ଏବଂ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜାରି କରାଗଲା।

**ତହସିଲଦାର,ଶୁକୃଳି**
TAHASILDAR
SUKRULI